# ତିନି ତଲାକ୍ ବିଲ୍‌ରେ ଜାମିନ୍ ସୁବିଧା

**ନୂଆଦିଲ୍ଲୀ,୯।୮/ଏଜେନ୍ସି:**

ତିନି ତଲାକ୍ ବିଲ୍‌ରେ ସରକାର ସଂଶୋଧନ ଆଣିଛନ୍ତି। ପ୍ରସ୍ତାବିତ ବିଲ୍‌ରେ ତଲାକ୍ ଦେଉଥିବା ସ୍ୱାମୀଙ୍କୁ ୩ ବର୍ଷ ଜେଲ୍ ଦଣ୍ଡର ବ୍ୟବସ୍ଥା ଥିବାରୁ ଏହାର ଦୁରୁପଯୋଗ ଆଶଙ୍କା କରି ସରକାର ଜାମିନ୍ ମିଳିବାର ସୁବିଧା କରିଛନ୍ତି। ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ଏ ସଂକ୍ରାନ୍ତ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ବିବାହରେ ମୁସ୍‌ଲିମ୍ ମହିଳାଙ୍କ ଅଧିକାରର ସୁରକ୍ଷା ବିଲ୍‌ରେ ୩ଟି ସଂଶୋଧନ ଅଣାଯାଇଛି। ପ୍ରସ୍ତାବିତ ବିଲ୍‌ରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବାର ବ୍ୟବସ୍ଥା ନଥିଲା ବେଳେ ଏବେ ଏହି ବ୍ୟବସ୍ଥା କରାଯାଇଛି। ସ୍ୱାମୀ-ସ୍ତ୍ରୀଙ୍କୁ କ୍ଷତିପୂରଣ ଦେବା ପାଇଁ ରାଜିହେଲେ ମାଜିଷ୍ଟ୍ରେଟ୍ ତାଙ୍କୁ ଜାମିନ୍ ଦେଇପାରିବେ। କେତେ କ୍ଷତିପୂରଣ ଦିଆଯିବ, ତାହା ମାଜିଷ୍ଟ୍ରେଟ୍ ସ୍ଥିର କରିବେ। ପୀଡ଼ିତା, କିମ୍ବା ତାଙ୍କର କୌଣସି ରକ୍ତ ସମ୍ପର୍କୀୟ ଅଭିଯୋଗ କରିବା ପରେ ପୁଲିସ୍ ଏଫ୍‌ଆଇଆର୍ ରୁଜୁ କରିବ। ତୃତୀୟ ସଂଶୋଧନ ଅନୁଯାୟୀ ଏଣିକି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦର ସମାଧାନ ମାଜିଷ୍ଟ୍ରେଟ୍ ତାଙ୍କ କ୍ଷମତା ବଳରେ କରିପାରିବେ। ଉଭୟ ପକ୍ଷ ଚାହିଁଲେ ମାମଲା ପ୍ରତ୍ୟାହାର କରିପାରିବେ। ତିନିତଲାକ୍‌କୁ ବେଆଇନ୍ ଅଭିହିତ କରି କେନ୍ଦ୍ର ସରକାର ଦୋଷୀଙ୍କ ପ୍ରତି ତିନିବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରିଛନ୍ତି। ବିଲ୍‌ଟି ଲୋକସଭାରେ ପାସ୍ ହେବା ପରେ ରାଜ୍ୟସଭାରେ ଅଟକି ରହିଛି। କଂଗ୍ରେସ ମେଣ୍ଟ ଏହି ବିଲ୍‌କୁ ବିରୋଧ କରି ଆସୁଛି।